# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**19 November - 2024**

**News Editor : *Itishree Singh Rathaur***

---

# ବୀମା ପରିସୀମା

ରାଜ୍ୟରେ ବୀମା ହାର ସ୍ତର ଜାତୀୟ ସ୍ତର ତୁଳନାରେ କମ୍ ରହିଛି । ତେଣୁ ବୀମା ପରିସୀମା ବୃଦ୍ଧି ଲକ୍ଷ୍ୟରେ ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣର ସଦସ୍ୟ ସଚିବ ସତ୍ୟଜିତ ତ୍ରିପାଠୀ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଭେଟି ଆଲୋଚନା କରିଛନ୍ତି । ଆସନ୍ତା ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ଲକ୍ଷ୍ୟ ହାସଲ କରିବା ପାଇଁ ଏହାର ପରିସରରେ ଉନ୍ନତି ଆଣିବା ଲକ୍ଷ୍ୟରେ ବିସ୍ତୃତ ଆଲୋଚନା ହୋଇଛି । ସମସ୍ତ ଅଂଶୀଦାରଙ୍କ ସହଯୋଗରେ ପ୍ରଥମ ରାଜ୍ୟସ୍ତରୀୟ ବୀମା କମିଟିର ବୈଠକ ଆୟୋଜନ କରିବା ଲାଗି ରୂପରେଖ ପ୍ରସ୍ତୁତ ହୋଇଛି ।

---

# କୋଚିଂ ସେଣ୍ଟର ଗାଇଡ୍‌ଲାଇନ୍

ଘରୋଇ କୋଚିଂ ସେଣ୍ଟର ଗୁଡ଼ିକ ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବ । ଏ ନେଇ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପୁସ୍ତକ ଭବନଠାରେ ଆଜି ଏକ ବୈଠକ ଅନୁଷ୍ଠିତ ହେବ । ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଭୁବନେଶ୍ୱର, ସମ୍ବଲପୁର ଏବଂ ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ

ଯୋଗଦେବେ । ବୈଠକରେ ୨୫ଟି ଘରୋଇ କୋଚିଂ ସେଣ୍ଟର ଭାଗ ନେବେ ବୋଲି ଜଣାପଡ଼ିଛି । କୋଚିଂ ସେଣ୍ଟରରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ସହିତ ପାଠପଢ଼ା, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ ।

## ମତାମତ

ବିକଶିତ ଓଡ଼ିଶା-୨୦୩୬ ଏବଂ ୨୦୪୭ ବିକଶିତ ଭାରତକୁ ନେଇ ପ୍ରସ୍ତୁତ ହେଉଥିବା ଭିଜନ ଡକ୍ୟୁମେଣ୍ଟ ପାଇଁ ମତାମତ ଦାଖଲ ସମୟସୀମା ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବିଭିନ୍ନ ବର୍ଗର ଲୋକଙ୍କଠାରୁ ୱେବ୍ ପୋର୍ଟାଲ୍, ହ୍ୱାଟସଆପ୍ ଏବଂ ଇ-ମେଲ୍ ମାଧ୍ୟମରେ ମତାମତ ଆହ୍ୱାନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ କ୍ରମେ ଏହି ସମୟସୀମାକୁ ବୃଦ୍ଧି କରାଯାଇଛି । ଗତକାଲି ସନ୍ଧ୍ୟାସୁଦ୍ଧା ୧୫ ହଜାର ମତାମତ ମିଳିଥିବା ଜଣାପଡ଼ିଛି ।

## ସିସିଟିଭି କ୍ୟାମେରା

ରାଜ୍ୟର ୨୦୩ଟି ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ସି.ସି.ଟିଭି କ୍ୟାମେରା ଖଞ୍ଜାଯାଇଛି । କାର୍ଯ୍ୟାଳୟରେ ହିତାଧିକାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମ୍ ନାମରେ ପରିଚିତ ଏହି ବ୍ୟବସ୍ଥା ଆଜି ଉଦ୍‌ଘାଟିତ ହେବାର କାର୍ଯ୍ୟସୂଚୀ ରହିଛି । ୩୭ କୋଟି ଟଙ୍କା ବ୍ୟୟରେ

ଏହି କାର୍ଯ୍ୟାଳୟ ଗୁଡ଼ିକରେ ସି.ସି.ଟିଭି କ୍ୟାମେରା ଖଞ୍ଜାଯାଇଥିବା ଜଣାପଡ଼ିଛି ।

## ବୈଷୟିକ ସହାୟତା ସମର୍ଥନ ୟୁନିଟ୍

ଡିଜିଟାଲ ପ୍ଲାଟଫର୍ମରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ବ୍ୟାପକ ପ୍ରଚାର ଓ ପ୍ରସାର ଲକ୍ଷ୍ୟରେ ଏକ ବୈଷୟିକ ସହାୟତା ସମର୍ଥନ ୟୁନିଟ୍ ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ସାଂପ୍ରତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକର ଏହି ୟୁନିଟ୍ ମୂଲ୍ୟାଙ୍କନ କରିବା ସହିତ ଏଥିରେ ଉନ୍ନତି ଆଣିବା ଲାଗି ବିଭାଗକୁ ଆବଶ୍ୟକ ପରାମର୍ଶ ପ୍ରଦାନ କରିବ ।

## ଧାନକିଣା ବୈଠକ

ଚଳିତ ବର୍ଷ ଖରିଫ ଋତୁରେ ଧାନକିଣା ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହୋଇଛି । ଧାନ ସଂଗ୍ରହ, କଟନୀ ଛଟନୀ, ଏବଂ ଚାଷୀଙ୍କୁ ଅର୍ଥରାଶି ପ୍ରଦାନ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ଚଳିତ ଋତୁ ପାଇଁ ୧ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ବୈଠକରେ ସୂଚନା ଦେଇଛନ୍ତି । ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ଅନୀତା ଶୁଭଦର୍ଶିନୀ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ମନୋରଂଜନ ଦ୍ୟାନ୍

ସାମନ୍ତରାୟ, ପ୍ରତାପ ଚନ୍ଦ୍ର ନାୟକ, ସିଦ୍ଧାନ୍ତ ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

## ମେଳା

ଚଳିତବର୍ଷ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପ୍ରତ୍ୟେକ ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେଉଛି । ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ପଶୁ ପାଳକ, ମତ୍ସ୍ୟଜୀବୀ ଏବଂ ମତ୍ସ୍ୟଚାଷୀ ସମ୍ମୁଖୀନ ହେଉଥିବା ଆହ୍ୱାନ ଗୁଡ଼ିକର ସମାଧାନ ଦିଗରେ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି । ମିଳିଥିବା ସୂଚନା ଅନୁଯାୟୀ ଅନୁଗୁଳ ଏବଂ ଗଜପତି ଜିଲ୍ଲାରେ ଇତିମଧ୍ୟରେ ଏହି ମେଳା ସଂପନ୍ନ ହୋଇଛି। ଆଜି ଏବଂ ଆସନ୍ତାକାଲି ମୟୂରଭଞ୍ଜ, ରାୟଗଡ଼ା ଓ ବୌଦ୍ଧରେ ଏହି ମେଳା ଆୟୋଜିତ ହେଉଛି ।

## ଓଡ଼ିଶା ମଣ୍ଡପ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪ ଅନୁଷ୍ଠିତ ହେଉଛି । ଏଥିରେ ଓଡ଼ିଶା ମଣ୍ଡପରେ ବିଭିନ୍ନ ବିଭାଗର ୨୫ଟି ଷ୍ଟଲ୍ ସ୍ଥାନ ପାଇଛି । ମହିଳା ସ୍ୱୟଂସହାୟକ ସଦସ୍ୟଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦକୁ ନେଇ ମିଶନଶକ୍ତି ବିଭାଗ ପକ୍ଷରୁ ୫ଟି ଷ୍ଟଲ୍ ଖୋଲାଯାଇଛି । କନ୍ଧମାଳ ହଳଦୀ ସହିତ ମାଣ୍ଡିଆ ଏବଂ ବିଭିନ୍ନ ପୁଷ୍ଟି ଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ଓଡ଼ିଶା

ମଣ୍ଡପରେ ଭିଡ଼ ପରିଲକ୍ଷିତ ହୋଇଛି । ସଂସଦର ବାଣିଜ୍ୟ କମିଟି ଗତକାଲି ଓଡ଼ିଶା ମଣ୍ଡପ ପରିଦର୍ଶନ କରିବା ସହିତ କାରୁକାର୍ଯ୍ୟ ଏବଂ କଳା ସଂସ୍କୃତିର ପ୍ରଶଂସା କରିଥିଲେ ।

## କୋଣାର୍କ ମହୋତ୍ସବ

୩୫ତମ କୋଣାର୍କ ମହୋତ୍ସବ ଏବଂ ୧୪ତମ ଚନ୍ଦ୍ରଭାଗା ଆନ୍ତର୍ଜାତିକ ବାଲୁକା ଉତ୍ସବ ଆସନ୍ତା ମାସ ପହିଲାରୁ ଆରମ୍ଭ ହେବ । ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବ ଲାଗି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଗତକାଲି ଅନୁଷ୍ଠିତ ହୋଇଛି । ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ଲାଗି ବିସ୍ତୃତ ଆଲୋଚନା ହୋଇଛି ।

## ଶୀତ

ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ଗତ ଦୁଇଦିନ ହେବ ତାପମାତ୍ରା ହ୍ରାସ ପାଇବା ସହ ଶୀତର ପ୍ରକୋପ ବଢ଼ିଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବା ସହ କେତେକ ସ୍ଥାନରେ କୁହୁଡ଼ି ଅନୁଭୂତ ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ୧୦ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ କରାଯାଇଛି ।